# ପୋଲସରାରେ ଶ୍ରୀକାନ୍ତଙ୍କ ମାରାଥନ୍ ପ୍ରଚାର

ପୋଲସରା, ୪।୫(ସମିସ)



ପୋଲସରା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମା' ସିଂହାସନୀ ପୀଠରୁ ବିଜେଡିର ପ୍ରଚାର କାର୍ଯ୍ୟର ଶୁଭାରମ୍ଭ ପରେ ଶନିବାର ୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ। ସେ ପ୍ରଥମେ ବନ୍ଧପଲ୍ଲୀ ପଞ୍ଚାୟତର ବନ୍ଧପଲ୍ଲୀ, ଉସ୍ତାପଡ଼ା ଓ ମୁକ୍ତାମାଳଦେଇପୁର ଗ୍ରାମ, ଜା-ଡେଙ୍ଗାପଦର୍ ପଞ୍ଚାୟତର ଡେଙ୍ଗାପଦର ଓ ମର୍ଦ୍ଦରାଜପୁର, ଜକର ପଞ୍ଚାୟତର ଜେନାପୁର, ଜକର, ଘୋଡ଼ାପଲାଣ ପଞ୍ଚାୟତର ଘୋଡ଼ାପଲାଣ, କରାତଳି, କରଞ୍ଜାରା, ଏହାପରେ କଳମ୍ବ ପଞ୍ଚାୟତର କଳମ୍ବ, ରୁଖାକଣା, ଚଢ଼ିଆପଡ଼ା ଗ୍ରାମରେ ପ୍ରଚାର କରିଥିଲେ। ଏହା ସହିତ ପୋଲସରା ବ୍ଲକର ଜା-ଡେଙ୍ଗାପଦର ଗ୍ରାମରେ ବିଜୁ ଜନତା ଦଳ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଘୋଡ଼ାପଲାଣ ପଞ୍ଚାୟତର କରଞ୍ଜାରା ଗ୍ରାମର ମଣ୍ଡପରେ ଆୟୋଜିତ ପଥପ୍ରାନ୍ତ ସଭାରେ ଯୋଗଦେଇ ନବୀନ ଓଡ଼ିଶା ବିକଶିତ ଓଡ଼ିଶାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ରନାଥ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ନାୟକ, ପ୍ରତିନିଧି ଘନଶ୍ୟାମ ଦାସ, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା, ସରପଞ୍ଚ ପବିତ୍ର ରାଉତ, ପିତାମ୍ବର ବେହେରା, ଦୀପିକା କୁମାରୀ ବାରିକ, ଧୀରେନ୍ଦ୍ର ସେଠୀ, ଗୀତାଞ୍ଜଳି ସାହୁ, ଯୁବନେତା ହିମାଂଶୁ ବେହେରା, ସୁଶିତ କୁମାର ସାହୁ, ପ୍ରସାଦ ସାହୁ, ଧ୍ରୁବଚରଣ ଦାସ, ସନ୍ତୋଷ ବେହେରା, ପାବନ କୁମାର ନାୟକ, ନବଘନ ପ୍ରଧାନ, କାଳୀଚରଣ ବେହେରା, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ପଲେଇଙ୍କ ସମେତ ସମସ୍ତ ସରପଞ୍ଚ ସମିତିସଭ୍ୟ, ନିର୍ବାଚିତ ପ୍ରତିନିଧି ଓ ଦଳୀୟ ପଦାଧିକାରୀ ମାନେ ଯୋଗଦେଇଥିଲେ।

● ଲଣ୍ଡେଇ ସାହି ଶ୍ରୀରାମ ମନ୍ଦିରରେ ନିଆରା ବ୍ୟବସ୍ଥା

# ଡିଜିଟାଲ ଯୁଗରେ ଆଜି ବି ରହିଛି ଧେଣ୍ଡୁରା ଦେଇ ପ୍ରଚାର



**ଭଞ୍ଜନଗର, ୪।୫(ସମିସ):** ଆଧୁନିକ ଯୁଗରେ ପ୍ରଚାର କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି। କୌଣସି ଖବର ବା ସୂଚନା ପାଇବାକୁ ଆଉ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁନି। ସଙ୍ଗେ ସଙ୍ଗେ ସମାଜିକ ଗଣମାଧ୍ୟମରେ ଯେକୌଣସି ଖବର ଚତୁର୍ଦ୍ଦିଗ ବ୍ୟାପି ଯାଉଛି। ପୂର୍ବରୁ ପତ୍ର ଲେଖି ତାହାକୁ ପାରାର ଗୋଡ଼ରେ ସୂତା ବାନ୍ଧି ନିର୍ଦ୍ଦିଷ୍ଟ ଲୋକଙ୍କ ପାଖକୁ ଖବର ପଠାଯାଉଥିଲା। ତାପରେ ବାଜା ବଜାଇ ଧେଣ୍ଡୁରା ଦେଇ ଜଣେ ବ୍ୟକ୍ତି ସୂଚନା ପ୍ରଦାନ କରୁଥିଲେ। ଏହା ଦ୍ୱାରା ସଠିକ ସମୟରେ ଖବର ପହଞ୍ଚି ପାରୁ ନ ଥିଲା। ଲୋକମାନେ ହଇରାଣ ହରକତ ହେଉଥିଲେ। କାଳକ୍ରମେ ଚିଠିପତ୍ର, ଖବରକାଗଜ, ଡ଼ାକବାଜି ଯନ୍ତ୍ର, ରେଡ଼ିଓ, ଟେଲିଭିଜନ ଯୋଗେ ଖବର ପାଇବା ସୁବିଧାଜନକ ହୋଇପାରିଲା। ବର୍ତ୍ତମାନ ସୋସିଆଲ ମିଡ଼ିଆରେ ଫେସବୁକ, ୱାଟସଆପ, ଟ୍ୱିଟର, ଇନଷ୍ଟାଗ୍ରାମ, ୟୁ-ଟୁବ ବ୍ୟବହାର କରି ଯେକୌଣସି ମୁହୂର୍ତ୍ତରେ ସ୍ୱଳ୍ପ ସମୟ ମଧ୍ୟରେ ଖବର ଚାରିଆଡେ ପଠାଯାଇପାରୁଛି। ଫଳରେ ଜନସାଧାରଣ ବହୁ ଉପକୃତ ହୋଇ ପାରୁଛନ୍ତି। ହେଲେ ଆଜି ମଧ୍ୟ କେତେକ ସ୍ଥାନରେ ପୁରୁଣା ପ୍ରଚାର ପଦ୍ଧତି ଜାରି ରହିଛି। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହର ଉପକଣ୍ଠ ଲଣ୍ଡେଇ ସାହିରେ ଆଜି ମଧ୍ୟ ପୁରାତନ ଧେଣ୍ଡୁରା ଦେଇ ପ୍ରଚାର କାର୍ଯ୍ୟ ଚାଲିଛି। ସାହିର ମଧ୍ୟ ଭାଗରେ ଥିବା ବିଶାଳ ଶ୍ରୀ ରାମ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ଯେକୌଣସି କାର୍ଯ୍ୟକ୍ରମ ସମ୍ପର୍କରେ ଜଣେ ବ୍ୟକ୍ତି ପ୍ରଥମେ ବାଜା ବଜାଇ ବିଭିନ୍ନ ଗଳି କନ୍ଦି ବୁଲି ବଡ଼ ପାଟିରେ ସୂଚନା ପ୍ରଦାନ କରୁଥିବାବେଳେ ଘରୁ ଲୋକମାନେ ବାହାରି ଆସି ସେସବୁ ଧ୍ୟାନ ଦେଇ ଶୁଣୁଛନ୍ତି। ଏହି ସୂଚନା ପାଇ ସ୍ଥାନୀୟ ଲୋକମାନେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ହେଲେ ବାହାରୁ ଆସୁଥିବା ଲୋକ ଓ ପିଲାମାନେ ଏଭଳି ବ୍ୟବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ଚାଲିଥିବା ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି।

# ଘର କବାଟ ଭାଙ୍ଗି ସୁନାଗହଣା ଓ ଟଙ୍କା ଚୋରି



**ଖଲ୍ଲିକୋଟ, ୪।୫(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର (ଲୋଘର) ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ରବିନାରାୟଣ ପଣ୍ଡାଙ୍କ ଘରେ ଚୋର ପଶି କବାଟ ଗେଡ଼ା ଭାଙ୍ଗି ଟଙ୍କା ସୁନା ଚୋରି କରିନେଇଛନ୍ତି। ଘରେ କେବଳ ରବିଙ୍କ ମାଆ ଏକା ରହିଥିଲେ। ସେ ଦାଣ୍ଡ ଘରେ ଶୋଇ ଥିବା ବେଳେ ବାରି ପଟୁ କବାଟ ଭାଙ୍ଗି ଘରେ ପଶିଥିଲେ ଦୁର୍ବୃତ୍ତ। କାଛ ଆଲମୀରା ଭାଙ୍ଗି ଲୁଗାପଟା ଫିଙ୍ଗା ଫୋପଡ଼ା କରି ସେଥିରେ ଥିବା ୫ଟି ସୁନାମୁଦି ସହ କିଛି ସୁନା ଅଳଙ୍କାର ଓ ଡ୍ରେସିଂ ଟେବୁଲ ଡ୍ରରେ ଥିବା ୫ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। କିଛିଦିନ ତଳେ କେଶପୁର ଅଞ୍ଚଳରେ ୫ଟି ଦୋକାନ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ଏବେ କିଛି ଦିନ ବ୍ୟବଧାନରେ ପୁଣି ଚୋରି ହୋଇଛି। ତେଣୁ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯାତ୍ରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ

**ଖଲ୍ଲିକୋଟ, ୪।୫(ସମିସ):** ଡକ୍ଟର ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଟ୍ରଷ୍ଟ ତରଫରୁ ଖଲ୍ଲିକୋଟ କରଣ ସାହିଠାରେ ବାଟୋଇଙ୍କୁ ଚଲ୍‌ହା ବଣ୍ଟନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ତରଫରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଅଭିଯାନକୁ ୧ ନମ୍ବର ୱାର୍ଡର କାଉନସିଲର ପ୍ରମୋଦ କୁମାର ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଟ୍ରଷ୍ଟି ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ସଭ୍ୟ/ସଭ୍ୟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର, ଦଣ୍ଡପାଣି ବେହେରା, ପ୍ରେମଲତା ମହାପାତ୍ର, ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ଦେବବାଳା ପଟ୍ଟନାୟକ, ଶିକ୍ଷକ ସନ୍ତୋଷ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ମିତାରାଣୀ ପଟ୍ଟନାୟକ, ଲକ୍ଷ୍ମୀ ପ୍ରିୟ ଆଚାର୍ଯ୍ୟ, ଏଏନଏମ ଲକ୍ଷ୍ମୀ ଦାସ, ଅଜିତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଦେବୀ ପ୍ରସାଦ ସେଠୀ, ତୋଫାନ କୁମାର ବେହେରା, ଆଇନଜୀବୀ ବିନାୟକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



● ସରିଲା ନାମାଙ୍କନ

# ଖରା ସହ ବଢୁଛି ନିର୍ବାଚନୀ ତାତି

**ରମ୍ଭା, ୪।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଦୃଷ୍ଟିରେ ରଖି ନାମାଙ୍କନପତ୍ର ଦାଖଲ ସରିଛି। ନାମାଙ୍କନ ଯାଞ୍ଚ ଓ ପ୍ରତ୍ୟାହାର ସରି ମୈଦାନରେ ଲଢ଼ିବାକୁ ଅଣ୍ଟା ଭିଡ଼ିଥିବା ସବୁ ରାଜନୈତିକ ଦଳ ରମ୍ଭା ଅଞ୍ଚଳକୁ ଉଷ୍ମ କରିଦେଲାଣି। ରାଜ୍ୟରେ ଖରାର ପ୍ରକପ ବୃଦ୍ଧିକୁ ନିର୍ବାଚନ ତାତି ସ୍ଥାନୀୟ ଅଞ୍ଚଳକୁ ପ୍ରଚାର ଗାଡ଼ିର ସ୍ୱର ସଂଗୀତର ଧମାକାରେ ଉଚ୍ଛୁଳି ପଡୁଛି। ଭୋଟର ଏଯାବତ ସଚେତନ ଥିଲେ ମଧ୍ୟ ନିର୍ବାଚନ ସଭା ସମୟରେ ଅବତୀର୍ଣ୍ଣ ପ୍ରାର୍ଥୀଙ୍କୁ ବିକାଶର ପ୍ରଶ୍ନ ପଚାରିବା ପାଇଁ କୁହାକୁହି ହେଉଛନ୍ତି। ସାହି ଗଳି କନ୍ଦିରେ ନେତା ମାନଙ୍କର ଭୋଟର ମାନଙ୍କ ସହିତ ଦୁଃଖ ସୁଖର କଥାବାର୍ତ୍ତା ହେଉଥିବା ଲକ୍ଷ୍ୟ କରାଯାଉଛି। ସ୍ଥାନେ ସ୍ଥାନେ ସ୍ୱର୍ଣ୍ଣିକାତର ଜାଗା, ସାହି ମୁହଁ, ମୁଖ୍ୟ ରାସ୍ତା ପାର୍ଶ୍ୱ ଅବତୀର୍ଣ୍ଣ ପ୍ରାର୍ଥୀ ମାନଙ୍କର ଫୋଟୋ ସହିତ ଦଳୀୟ ଚିହ୍ନ ଉଲ୍ଲେଖ କରି ଟଙ୍ଗା ଯାଇଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟ ପଟେ ଗରମର ପ୍ରକୋପ ଓ ତାତିକୁ ଲକ୍ଷ୍ୟ ରଖି ସ୍ଥାନେ ସ୍ଥାନେ ଦହି ଚଲା, ଛେନା ପଣା ସମାଜସେବୀମାନେ ବଣ୍ଟନ କରୁଥିବା ପଥିକ ଓ ବାଟୋଇଙ୍କ ସେବନ ଏବଂ ନିର୍ବାଚନର ଗୁମସୁମ ଉପରୋକ୍ତ ସ୍ଥାନରେ ଆଲୋଚନା ହେଉଥିବା ଜଣାଯାଇଛି। ସୀମିତ ଭୋଜିଭାତ ଭିତରେ ଆପାୟିତ ହୋଇ ନିର୍ବାଚନର ମାହୋଲ ଭୋଟର ଓ ନେତାଙ୍କର ପୂର୍ଣ୍ଣ ସମ୍ପର୍କ ସ୍ଥାନିତ ହେଉଥିବା ଜଣାପଡ଼ିଛି। ନିର୍ବାଚନ ପ୍ରଚାର ଗାଡିର ଅସୀମିତ ଡିଜେ ସାଉଣ୍ଡ ବିଭିନ୍ନ ସଂଗୀତର ଭିନ୍ନ ଭିନ୍ନ ସ୍ୱର ପରିବେଷଣ ସତରେ ରମ୍ଭା ଅଞ୍ଚଳ ଏକ ଯାତ୍ରାର ପୀଠସ୍ଥଳୀ ହୋଇଥିବା ଉଲ୍ଲେଖ କରିଛି।

କଥା ଦେଇ କଥା ରଖିଲା ପ୍ରଶାସନ

# ଶ୍ରୀପଙ୍କା ରାସ୍ତା ନିର୍ମାଣ କାମ ଆରମ୍ଭ



● ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

**ଦାରିଙ୍ଗବାଡ଼ି, ୪।୫(ସମିସ):** ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଡ଼କ ଯୋଜନାରେ ୧୨ କୋଟି ଟଙ୍କା ଅନୁଦାନରେ ରାଜନପାଙ୍ଗାଠାରୁ ରାଧାକୃଷ୍ଣ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀପଙ୍କାବାସୀ ରାସ୍ତା ନିର୍ମାଣ ପାଇଁ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧକୁ ରକ୍ଷା କରି ଉପବାଚସ୍ପତି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେଇଥିବା ଜଣାଯାଇଛି। ଏହି ରାସ୍ତା ନିର୍ମାଣ ହେଲେ ଶ୍ରୀପଙ୍କା ସମେତ ଆଖପାଖ ଅଞ୍ଚଳବାସୀ ଯାତାୟାତ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଇଛି। ବହୁ ବର୍ଷ ଧରି ଅପେକ୍ଷାର ଅନ୍ତଘଟିଛି। ଗ୍ରାମବାସୀ ଏବଂ ଅଞ୍ଚଳବାସୀଙ୍କ ଯାତାୟାତ ସମସ୍ୟା ଦୂର ହେବ ବୋଲି ମନୋଜ ପ୍ରଧାନ, ସୁନୀଲ ପ୍ରଧାନ, ପ୍ରଭାତ ପ୍ରଧାନ, କାଳିଦାସ ପ୍ରଧାନ, ଆୟୁବ ପ୍ରଧାନ, ଇଶାକ ପ୍ରଧାନଙ୍କ ସମେତ ଶ୍ରୀପଙ୍କା ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

● କଂଗ୍ରେସ ପକ୍ଷରୁ ଆଲୋଚନା ସଭା

# ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ ପାଇଁ ସଂକଳ୍ପ

**ଦିଗପହଣ୍ଡି, ୪।୫(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖେମୁଣ୍ଡି କାଲୁଆ ମନ୍ଦିରରେ କଂଗ୍ରେସ ଦଳର ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ସ୍ତରୀୟ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ଅଧକ୍ଷତା କରିଥିଲେ। ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରାର୍ଥୀ ଚୟନ ଓ ନିର୍ବାଚନ ପରିଚାଳନା ଉପରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦିଗପହଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପ୍ରଥମେ ପ୍ରାର୍ଥୀ ଘୋଷଣା କରାଯିବା ସହ ଦଳୀୟ ନିଷ୍ପତ୍ତି ପ୍ରକାରେ ଏବଂ ନାମାଙ୍କନ ଦାଖଲ କରିସାରିବା ପରେ କଂଗ୍ରେସ ପ୍ରାର୍ଥୀ ଶ୍ରୀଧର ଦେବଙ୍କୁ ଯେଉଁଭଳି ଢଙ୍ଗରେ ବାଦ୍ ଦିଆଯାଇ ପ୍ରାର୍ଥୀ ପରିବର୍ତ୍ତନ କରାଗଲା ତାହାକୁ ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ନୀତି, ଆଦର୍ଶ ଏବଂ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ସହ ପୂର୍ବଭଳି ସମସ୍ତ ନେତା ଓ ସମର୍ଥକ କାର୍ଯ୍ୟ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ବ୍ରହ୍ମପୁର ଲୋକସଭା ପାଇଁ ସାଂସଦ ପ୍ରାର୍ଥୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସମାବେଶରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ ନିଷ୍ପତ୍ତି ନେଇଥିଲେ। ତେବେ ବିଧାନସଭା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସାକା ସୁଜିତଙ୍କୁ ଦଳୀୟ ନେତୃବୃନ୍ଦ କୌଣସି ପ୍ରକାର ସହଯୋଗ ସମର୍ଥନ କରିବେ ନାହିଁ ବୋଲି ସଭାରେ ଉପସ୍ଥିତ ନେତା ଓ କର୍ମୀ ଏକ ସ୍ୱରରେ ଘୋଷଣା କରିବା ସହ 'ସାକା ସୁଜିତ ହଟାଅ, ଦିଗପହଣ୍ଡିରେ କଂଗ୍ରେସ ବଞ୍ଚାଅ' ଡାକରା ଦେଇଥିଲେ। ଏପରିକି ସମସ୍ତେ ବିଧାନସଭା ପାଇଁ 'ନୋଟା'ରେ ଭୋଟ ଦେବା ସହ ପଡ଼ୋଶୀ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନାଙ୍କ ନିମନ୍ତେ ପ୍ରଚାର କାର୍ଯ୍ୟରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ। ସମାବେଶରେ ବଡ଼ଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେବ, ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ଅଭିମନ୍ୟୁ ଜାନି, କୁକୁଡାଖଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ଶିବଶଙ୍କର ଦୋରା, ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ପୀତାମ୍ବର ଗୌଡ଼, ଶିବରାମ ପ୍ରଧାନ, କାଉନସିଲର ସୁନିଲ କୁମାର ପଣ୍ଡା, ଆଇନଜୀବୀ ରସାନନ୍ଦ ରାଉତ, ରଞ୍ଜିତ ବେହେରା, ଭି. ଶ୍ୟାମସୁନ୍ଦର ରାଜୁ, ଶିବ ପ୍ରସାଦ ସାହୁ, ଶଙ୍କର ରାଓ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# ଯୁବକଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ

**କବିସୂର୍ଯ୍ୟନଗର, ୪।୫(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଓସିଙ୍ଗି ଗ୍ରାମର ବିଟ୍ ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ବ୍ୟକ୍ତି ହେଲେ ସେହି ଗ୍ରାମର ସରୋଜ ଜେନା। ସେ ନିଜ କୁକୁଡ଼ା ଫାର୍ମରୁ ଘରକୁ ଫେରିବା ସମୟରେ ଗ୍ରାମର ଦୁଇ ଜଣ ଯୁବକ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସରୋଜଙ୍କୁ ସେଠାରୁ ଉଦ୍ଧାର କରି କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଆକ୍ରମଣର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା କୁହାଯାଉଛି। ଖବର ପାଇ କବିସୂର୍ଯ୍ୟନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଅଂଶୁଘାତରେ ଯୁବତୀଙ୍କ ମୃତ୍ୟୁ ଅଭିଯୋଗ

**ବୁଗୁଡ଼ା, ୪।୫(ସମିସ):** ବୁଗୁଡ଼ା ଥାନା ଗୋଳାବନ୍ଧ ପଞ୍ଚାୟତ ସୁବୁଦ୍ଧି ପଲ୍ଲୀ ଗ୍ରାମରେ ଜଣେ ଯୁବତୀଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୁବୁଦ୍ଧି ପଲ୍ଲୀ ଗ୍ରାମର ରୀନା ଗୌଡ଼(୨୬ )। ରୀନା ଆଜି ରାଶି ଆଦାୟ କରିବା ପାଇଁ ଦିନ ବେଳା ବିଲକୁ ଯାଇଥିଲେ। ବିଲରେ କାମ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଆସି ପିଇବାକୁ ପାଣି ମାଗିଥିଲେ। ପାଣି ପିଇବା ପରେ ସେ ଟଳି ପଡ଼ିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲ ଅଣାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

● ପ୍ରାର୍ଥିପତ୍ର ଯାଞ୍ଚ ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ

# ଭଞ୍ଜନଗରରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀ

**ଭଞ୍ଜନଗର, ୪।୫(ସମିସ):** ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୦ ତାରିଖରେ ହେବାକୁ ଯାଉଛି। ଏଥି ନିମନ୍ତେ ଗତ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୧୨୩ନଂ ଭଞ୍ଜନଗର, ୧୨୮ନଂ ଆସ୍କା ଓ ୧୨୯ନଂ ସୋରଡ଼ା ନିର୍ବାଚନମଣ୍ଡଳୀ ପାଇଁ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ଥିଲା। ଶନିବାର ସମସ୍ତ ନିର୍ବାଚନମଣ୍ଡଳୀର ପ୍ରାର୍ଥିପତ୍ର ଯାଞ୍ଚ ହେବା ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ସେଥିମଧ୍ୟରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୦ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ଆମ ଆଦମୀ ପାର୍ଟିର କବିରାଜ ବେହେରା, ବିଜେପିର ପ୍ରଦ୍ୟୁମ୍ନ କୁମାର ନାୟକ, ଜାତୀୟ କଂଗ୍ରେସ ପକ୍ଷରୁ ପ୍ରଶାନ୍ତ କୁମାର ବିଷୋୟୀ, ବିଜେଡିରୁ ବିକ୍ରମ କେଶରୀ ଆରୁଖ, କମ୍ୟୁନିଷ୍ଟ ପାର୍ଟିରୁ ଟୁନା ମଳିକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ରାଜୁ ନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ୪ ଜଣଙ୍କ ମଧ୍ୟରେ ଜିତେନ୍ଦ୍ର କେଶରୀ ଆରୁଖ, ପଞ୍ଚାନନ ଦାସ, ବିଷ୍ଣୁ ପ୍ରସାଦ ପ୍ରଧାନ, ସୁନିତା ବେହେରା ରହିଛନ୍ତି। ଆସ୍କା ନିର୍ବାଚନମଣ୍ଡଳୀରୁ ୬ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିରୁ ମଞ୍ଜୁଳା ସ୍ୱାଇଁ, ବିଜେପିରୁ ସରୋଜ କୁମାର ପାଢ଼ୀ, ଜାତୀୟ କଂଗ୍ରେସରୁ ସୁରଭି ବିଷୋୟୀ, କମ୍ୟୁନିଷ୍ଟ ପାର୍ଟିରୁ ରାମଚନ୍ଦ୍ର ବାଡ଼ତ୍ୟା, ଓଡ଼ିଶା ଜନତା ପାର୍ଟିରୁ ସୂର୍ଯ୍ୟକାନ୍ତ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଗମ୍ବର ବେହେରା ରହିଛନ୍ତି। ସେହିପରି ସୋରଡ଼ା ନିର୍ବାଚନମଣ୍ଡଳୀର ୭ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିରୁ ନୀଳମଣି ବିଷୋୟୀ, ବିଜେଡିରୁ ସଂଘମିତ୍ରା ସ୍ୱାଇଁ, ଜାତୀୟ କଂଗ୍ରେସରୁ ହରିକୃଷ୍ଣ ରଥ, ମାନସ ଲୋକଶକ୍ତି ଦଳର ପ୍ରଶାନ୍ତ ରଣଜିତଙ୍କ ସମେତ ୩ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଅନୀଲ କୁମାର ପାଠୀ, ଅବନୀ କୁମାର ଗୟା ଓ ସୁଧାଂଶୁ ଶେଖର ଗୌଡ଼ ରହିଛନ୍ତି। ଆସନ୍ତା ୬ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

ନିରୁଦ୍ଦିଷ୍ଟ



ନାମ-ସିଦ୍ଧାର୍ଥ ଦାସ @ ହେଲ୍‌ମେଟ୍ @ କଲ୍ୟାଣ, ବୟସ-୧୩, ବାପା-ଅଶୋକ ଦାସ, ମାଆ- ୰କୌଶଲ୍ୟା ଦାସ, ଶବର ସାହି, ବେଗୁନିଆପଡା, ଭଦ୍ରେଶ୍ୱର, କଟକ। ସେ ତା.୧୨.୦୮.୨୦୨୩ରିଖରେ ଉତ୍କଳ ବାଳାଶ୍ରମ, ନୂଆପଡା, କଟକରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତଳ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ଯୋଗାଯୋଗ :
ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ରାଉତ,
(ଆଇ.ଆଇ.ସି.) ମଧୁପାଟଣା ଥାନା
ମୋ- 7008178040

ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ରୋଗୀଙ୍କୁ ଏକ୍ସପାୟରି ଔଷଧ ପ୍ରଦାନ ଅଭିଯୋଗ

ଦାରିଙ୍ଗବାଡ଼ି, ୪।୫(ସମିସ)



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଏକ୍ସପାୟରି ଔଷଧ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ଗତ ୨ ତାରିଖ ଦିନ ସୁଲୁମା ଗ୍ରାମର ସନ୍ତୋଷ କୁମାର ଦିଗାଲ ଦୁଇ ଯାଆଁଳା ପୁଅ ଅଫଟୱ ଦିଗାଲ(୧୫) ଓ ଅନୁପମ ଦିଗାଲ(୧୫)ଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବାରୁ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ପ୍ରକାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଔଷଧ ପ୍ରଦାନ କରାଯାଇଥିଲା। ସେଥିରେ ଆଣ୍ଟିବାୟଟିକ ବଟିକା ମଧ୍ୟ ଦିଆଯାଇଥିଲା। ପରିବାରର ସଦସ୍ୟ ଡାକ୍ତରଙ୍କ ପରାମର୍ଶ ପ୍ରକାରେ ଔଷଧ ସେବନ କରିବାକୁ ଦେଇଥିଲେ। ଶନିବାର କୌଣସି କାରଣରୁ ଔଷଧ ସେବନ କରିବା ପରେ ଔଷଧର ଏକ୍ସପ୍ୟାର ତାରିଖ ଦେଖିବା ସମୟରେ ଆଣ୍ଟିବାୟଟିକ ବଟିକା ଏକ୍ସପ୍ୟାର ହୋଇଥିବା ଜାଣିବାକୁ ପାଇଥିଲେ। ଏଥିନେଇ ଚିନ୍ତାରେ ପଡ଼ିବା ସହ ଅସନ୍ତୋଷ ପ୍ରକାଶ କରି ଅତିରିକ୍ତ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରି ଏକ୍ସପାୟରି ଔଷଧ ପ୍ରଦାନ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଅତିରିକ୍ତ ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଦାରିଙ୍ଗବାଡ଼ି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜାକେଶ ସାମନ୍ତରାୟଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଘଟଣାକୁ ନେଇ ତଦନ୍ତ କରି ଉପର ଅଧିକାରୀଙ୍କୁ ରିପୋର୍ଟ କରିଥିବା କହିଛନ୍ତି। ଅଧିକାରୀଙ୍କଠାରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମାଞ୍ଚଳରେ ବହୁ ଲୋକେ ଏକ୍ସପାୟରି ଔଷଧ ସମ୍ପର୍କରେ ସଚେତନ ନୁହଁନ୍ତି। ଅନେକ ସମୟରେ ଔଷଧ ସେବନ ପରେ ବିଭିନ୍ନ ସମସ୍ୟା ହେଉଥିବା ନଜିର ରହିଛି। ହେଲେ ଏହା ଗ୍ରାମାଞ୍ଚଳରେ ଘଟୁଥିବାରୁ ପଦାକୁ ଆସୁ ନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନାରାୟଣ ସାହୁ
ବରିଷ୍ଠ ସମାଜସେବୀ,
ସୋଲପେଟା, କୋରେଇ, ଯାଜପୁର
ଆବିର୍ଭାବ: ୧୯.୦୮.୧୯୫୧ । ତିରୋଧାନ: ୨୫.୦୪.୨୦୨୪
ଆପଣଙ୍କ ଅନାବିଳ ସ୍ନେହଶ୍ରଦ୍ଧା ଓ ମାର୍ଗଦର୍ଶନ ଆମର ପାଥେୟ ହେଉ। ଆପଣଙ୍କ ପ୍ରତିଟି ସ୍ମୃତି ଅଭୁଲା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମା ବିରଜା ଓ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ହତଭାଗ୍ୟ
ଜଗବନ୍ଧୁ, ବିଦ୍ୟାଧର, ଅକ୍ଷୟ, ଶ୍ରୀଧର, ସୁରେଶ, ପରେଶ, ଆନନ୍ଦ, ବିନୋଦ, ରକ୍ଟୁ, ସୁବାସ, ପ୍ରମିଳା, ଜାନକୀ, ସବିତା, କବିତା, ସସ୍ମିତା, ରିତା, ଲିଜା, ଲିଟୁ, ଲିନୁ, ସୁଲଗ୍ନା, ଶ୍ରୀଭଶ୍ରୀ, ପ୍ରୀତି, ପ୍ରାଚୀ, ଓମ୍, ସାଇ, ରାମ, ଶ୍ୟାମ ଓ ଦାମ ଏବଂ ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଗ୍ରାମବାସୀ ଓ ଛାତ୍ରସମାଜ

# ଗୋପାଳପୁରରେ ବିକ୍ରମଙ୍କୁ ମିଳୁଛି ପ୍ରବଳ ଜନସମର୍ଥନ





## ଶହ ଶହ ସମର୍ଥକଙ୍କ ଗହଣରେ ଜୋରଦାର ଚାଲିଛି ପ୍ରଚାର

## କନିଷି, ଚାନ୍ଦପୁର ଡୁରା ଓ ଗଉଞ୍ଜୁରେ ଭୋଟ ଭିକ୍ଷା

ବ୍ରହ୍ମପୁର, ୪।୫(ସମିସ)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଗଡ଼ ଭାବେ ପରିଚିତ ରହିଛି। ଏହା ଧାରା ବଜାୟ ରଖିବା ଲାଗି ସମସ୍ତ କର୍ମୀ ଓ ନେତା ଏକ କରି ଦେଇଛନ୍ତି। ବିଜୁ ଜନତା ଦଳ ପାଇଁ ଏଠାରେ ଯୋଦ୍ଧା ସାଜିଥିବା ବିକ୍ରମ କୁମାର ପଣ୍ଡାଙ୍କୁ ତୃଣମୂଳ ସ୍ତରରୁ ବିପୁଳ ଜନ ସମର୍ଥନ ମିଳୁଛି। ତାଙ୍କ ପ୍ରଚାର ବେଳେ ସାଧାରଣ ଲୋକ ଆପଣାଛାଏଁ ସାମିଲ ହେଉଛନ୍ତି। ଯାହାକି ବିଜେଡିର ବିଜୟଧାରାକୁ ଆହୁରି ସହଜ କରିବ ବୋଲି କୁହାଯାଉଛି। ଶନିବାର ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ପୂର୍ବାହ୍ନରେ କନିଷି, ଚାନ୍ଦପୁର ପଞ୍ଚାୟତରେ ପ୍ରଚାର କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ଓ ବିକ୍ରମ ଭାଇ ଜିନ୍ଦାବାଦ ନାରାରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇଥିଲା। ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବା ସହ ଗୋପାଳପୁରରେ ବିକାଶ ଧାରାକୁ ଆଗେଇ ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପ୍ରଚାର ସମୟରେ ଶହ ଶହ ମହିଳା, ଯୁବକ ଓ ବୟଜ୍ୟେଷ୍ଠ ବିକ୍ରମଙ୍କ ଲାଗି ଆଗେଇ ଆସୁଥିବା ଦେଖିବାକୁ ମିଳିଥିଲା। ସେହିଭଳି ଶ୍ରୀ ପଣ୍ଡା ଅପରାହ୍ନରେ ଡୁରା, ଗଉଞ୍ଜୁ ପଞ୍ଚାୟତରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ତାଙ୍କ ଲାଗି ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀଙ୍କ ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ସମସ୍ତଙ୍କୁ କହିଥିଲେ। ଏହି ସମୟରେ ଉକ୍ତ ଅଞ୍ଚଳର ମହିଳାଙ୍କ ଦ୍ୱାରା ଶ୍ରୀ ପଣ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାତିରେ ଶ୍ରୀ ପଣ୍ଡା ଗୋପାଳପୁର ନିର୍ବାଚ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ୩୮ ୱାର୍ଡ଼ରେ ପ୍ରଚାର କରିଥିଲେ। ଏହି ସମୟରେ ସମଗ୍ର ଅଞ୍ଚଳ ଶଙ୍ଖ ନାଦରେ ନିନାଦିତ ହୋଇଥିଲା। ଉକ୍ତ ଅଞ୍ଚଳର ବାସିନ୍ଦା ବିକ୍ରମଙ୍କ ପାଇଁ ଆଗେଇ ଆସିବା ସହ ପୁଷ୍ପବର୍ଷା ମଧ କରିଥିବା ଦେଖିବାକୁ ମିଳିଛି। ବିକ୍ରମଙ୍କ ସହିତ ଡ଼େପୁଟି ମେୟର ଇ ବିବେକ ରେଡ଼ି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ ରାଜେଶ୍ୱରୀ ଦୋରା, ବିଜେଡି ଉପସଭାପତି ଡ଼ିଲେଶ୍ୱର ରେଡ୍ଡୀ, ସିଏଚ ଭରତୁଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ଥିଲେ।

## ବିଜୁ ଜନତା ଦଳ ଓ ଗଞ୍ଜାମ ଚାମ୍ବର ଅଫ୍ କମର୍ସର ବୈଠକ



**ବ୍ରହ୍ମପୁର, ୪।୫(ସମିସ):** ସ୍ଥାନୀୟ ଖାସପା ସାହି ସ୍ଥିତ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସର ଓ ବିଜୁ ଜନତା ଦଳ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଇ. ଶିବ ପ୍ରସାଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସମ୍ପାଦକ ଭି. ସନ୍ତୋଷ କୁମାର, କର୍ପୋରେଟର ଜେ ଶ୍ରୀବିବାସ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକର ବ୍ରହ୍ମପୁରରେ କମିଶନରେଟ ପୁଲିସ ସ୍ଥାପନ କରିବା, ସହରର ଥିବା ସମସ୍ତ ମେଡ଼ିକାଲରେ ଉତ୍ତମ ଚିକିତ୍ସା ସେବା ଯୋଗାଇବା, ସହରରେ ଖାଲି ପଡ଼ିଥିବା ସରକାରୀ ଜମିକୁ ଚିହ୍ନଟ କରି ବ୍ୟବସାୟୀ କ୍ଷେତ୍ରରେ ବ୍ୟବହାର କରିବା ଓ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ଉନ୍ନତିକରଣ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ସାଧାରଣ ନିର୍ବାଚନରେ ବିଜୟଲାଭ ପରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ଉଭୟ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ୍ ଓଡ଼ିଶା ଚାମ୍ବର ଅଫ୍ କମର୍ସର ସଭାପତି ରବି କୁମାର, ପି. ସତ୍ୟ ନାରାୟଣ ସେନାପତି, ଏସ. ଶ୍ରୀକାନ୍ତ, ଜି ଜେ ରବି, ରାମ ନୃସିଂହ ରାଓ, କେ. ଶିବ ପ୍ରସାଦଙ୍କ ସମେତ ସହର ବିଭିନ୍ନ ବ୍ୟସାୟୀ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରୋଗୀଙ୍କୁ ଏକ୍ସପାଏରି ମେଡିସିନ୍: ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍ଏମ୍ଓ

ବ୍ରହ୍ମପୁର, ୪।୫(ସମିସ)

ଏମକେସିଜି ମେଡ଼ିକାଲର ଔଷଧ ବିତରଣ କେନ୍ଦ୍ର(ଡିଡିସି)ରେ ରୋଗୀଙ୍କୁ ଏକ୍ସପାଏର ମେଡିସିନ ଦେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏମକେସିଜି ମେଡିକାଲ ଷ୍ଟୋର ମେଡିକାଲ ଅଫିସର ଡା. ଚିନ୍ମୟ ଦେବାଶିଷ ପଣ୍ଡା ଘଟଣାର ତଦନ୍ତ ନିମନ୍ତେ ଡିଡିସିର ଦାୟିତ୍ୱରେ ଥିବା ଫାର୍ମାଷିଷ୍ଟ ସୀମାଞ୍ଚଳ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାହିଁକି ଓ କେଉଁଭଳି ପରିସ୍ଥିତିରେ ରୋଗୀଙ୍କୁ ଏକ୍ସପାଏର ମେଡିସିନ ଦିଆଗଲା, ପ୍ରକୃତରେ ଉକ୍ତ ଏକ୍ସପାଏର ମେଡିସିନ ଡିଡିସି କାଉଣ୍ଟର ଦିଆଯାଇଛି ନା ନାହିଁ, ସେ ଦିଗରେ ମଧ ତଦନ୍ତ କରାଯିବାକୁ କୁହାଯାଇଛି। ସେହିପରି ଏକ୍ସପାଏର ଦୀର୍ଘ ୬ମାସ ପରେ ମଧ କାହିଁକି ଏବଂ କେଉଁ କାରଣରୁ କାଉଣ୍ଟରେ ଡୋମ୍ପେରିଡୋନ ସିରପ ରଖାଯାଇଥିଲା। ସେନେଇ ମଧ ତଦନ୍ତ କରାଯିବ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ୬ନମ୍ବର ଡିଡିସି କାଉଣ୍ଟର ଦାୟିତ୍ୱରେ ଥିବା ଫାର୍ମାଷିଷ୍ଟ ବେଣୁପାଣି ସାହୁଙ୍କୁ ଏମକେସିଜି ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡ଼ା. ସୂଚିତ୍ରା ଦାଶ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ମେଡିକାଲ ପରିସରରେ ଥିବା ଡିଡିସି କାଉଣ୍ଟର ସିଧାସଳଖ ଫାର୍ମାସୀ ଷ୍ଟୁଡେଣ୍ଟମାନେ ଔଷଧ ବିତରଣ କରୁଥିବା ଦେଖିବାକୁ ମିଳିଛି। ଏଭଳି କ୍ଷେତ୍ରରେ ଡାକ୍ତରୀ ପ୍ରେସକ୍ରିପସନ ଭଲ ଭାବରେ ପଢ଼ି ରୋଗୀଙ୍କୁ ମେଡିସିନ ଦେବା ଛାତ୍ରମାନଙ୍କ ପକ୍ଷେ ସମ୍ଭବ ହେଉନଥିବା ଲକ୍ଷ୍ୟ କରାଯାଇଛି। କାଉଣ୍ଟରରେ ଥିବା ଫାର୍ମାଷିଷ୍ଟଙ୍କୁ ଏହି ଛାତ୍ରମାନେ ନିଜର ଦାୟିତ୍ୱ ଦେଇ ନିଜେ ବିଶ୍ରାମ ନେଇଥିବା ଦେଖିବାକୁ ମିଳୁଛି। ଫଳରେ ଅନେକ ସମୟରେ ମେଡିସିନ ନେବାକୁ ଆସିଥିବା ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ କରିବାକୁ ପଡୁଛି। ସୂଚନାଯୋଗ୍ୟ ଯେ, ଚଳିତ ମାସ ୨ତାରିଖରେ ପୁରୁଷୋତ୍ତମପୁର ବ୍ଲକ ବ୍ରାହ୍ମଣଶାସନ ଗ୍ରାମର ହରିକୃଷ୍ଣ ଶତପଥି ତାଙ୍କ ୪ବର୍ଷର ଶିଶୁଙ୍କୁ ନେଇ ଏମକେସିଜି ମେଡିକାଲକୁ ଆସିଥିଲେ। ଶିଶୁର କାଶ ହେଉଥିବାରୁ ସେ ଏମକେସିଜିର ଶିଶୁ ବିଭାଗକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ଶିଶୁ ବିଭାଗ ଡାକ୍ତର ବିଭିନ୍ନ ପ୍ରକାର ଔଷଧ ଏବଂ ପରୀକ୍ଷା ନିରୀକ୍ଷା ପାଇଁ ଲେଖିଥିଲେ। ସେହିକ୍ରମରେ ହରିକୃଷ୍ଣ ସରକାରଙ୍କ ପକ୍ଷରୁ ମାଗଣାରେ ମିଳୁଥିବା ଔଷଧ ଆଣିବା ପାଇଁ ଏମକେସିଜି ନିରାମୟ କେନ୍ଦ୍ରକୁ ଯାଇଥିଲେ। ନିରାୟମ କେନ୍ଦ୍ରର ୬ନମ୍ବର କାଉଣ୍ଟରରୁ ସେ ନିଜ ଶିଶୁ ପାଇଁ ସମସ୍ତ ଔଷଧ ଆଣିଥିଲେ। ସେହି ଔଷଧ ମଧ୍ୟରେ ଡୋମ୍ପେରିଡୋନ ନାମକ ଏକ ସିରାପ ରହିଥିଲା। ହରିକୃଷ୍ଣ ସମସ୍ତ ଔଷଧ ନେଇ ନିଜ ଗାଁକୁ ଚାଲି ଯାଇଥିଲେ। ଘରକୁ ଯିବା ପରେ ଶିଶୁକୁ ଔଷଧ ଖୁଆଇବା ବେଳେ ଡୋମ୍ପେରିଡୋନ ସିରାପର ଏକ୍ସପାଏର ତାରିଖ ସରିଯାଇଥିବା ହରିକୃଷ୍ଣ ଦେଖିଥିଲେ। ଏହି ଔଷଧ ବୋତଲଟି ୨୦୨୧ ଡିସେମ୍ବର ମାସନରେ ତିଆରି ହୋଇଥିବା ବେଳେ ୨୦୨୩ ନଭେମ୍ବର ମାସରେ ଏହାର ଏକ୍ସପାଏରି ସରିଯାଇଥିବା ସେ ଦେଖିଥିଲେ। ଏହି ଘଟଣାକୁ ନେଇ ଏମକେସିଜି ମେଡିକାଲ ପକ୍ଷରୁ ତଦନ୍ତ ଜାରି ରହିଛି।




# ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର, ୪।୫(ସମିସ)




ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଗଠନ ତରଫରୁ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ଶିବିର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଲମ୍ପିଆଡ କେ. ରବି କୁମାର ଯୋଗଦେଇ ଏହିପରି ଏକ ଗ୍ରୀଷ୍ମ କାଳୀନ ଶିବିରରେ ଅଂଶଗ୍ରହଣ କରି ତାଙ୍କର ଖେଳ ଜୀବନ ଆରମ୍ଭ କରିଥିଲେ ବୋଲି କହିଥିଲେ। ଏହା ସହ ସେ କିପରି ବୋହୁ କଷ୍ଟକୁ ସାମ୍ନା କରି ଅଲମ୍ପିଆଡ ହୋଇଥିଲେ ସେ ବିଷୟରେ ପିଲାମାନଙ୍କୁ ଉଦବୋଧନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କ୍ରୀଡାବିତ୍ ନିତେନ୍ ଭୂୟାଁ, ଜିତୁ ସାବତ ଓ ସମାଜସେବୀ ପ୍ରୀୟବ୍ରତ ପାଣିଗ୍ରାହିଙ୍କ ସହ ଜିଲ୍ଲା ହ୍ୟାଣ୍ଡବଲ ସଂଗଠନର ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି ଓ ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୨୧ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ଶିବିରରେ ଜୁନ୍ ୯ତାରିଖ ପର୍ଯ୍ୟନ୍ତ ଜାତୀୟ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ସହ ବୋହୁ ବରିଷ୍ଠ ଖେଳାଳି ଏହି ଖେଳାଳି ମାନଙ୍କୁ ହ୍ୟାଣ୍ଡବଲ ଖେଳରେ ବିଭିନ୍ନ କୌଶଳ ପ୍ରଦାନ କରିବେ ବୋଲି ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି ଜଣାଇଛନ୍ତି। ସେହିପରି ପୂର୍ବତନ କ୍ରୀଡାବିତ୍ ବିରଳା ମାଝୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଜାଲିଆତି କରି ସରକାରୀ ଟଙ୍କା ଆତ୍ମସାତ ମାମଲା

# ମାର୍କଫେଡର ପୂର୍ବତନ ଏରିଆ ମ୍ୟାନେଜରଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର, ୪।୫(ସମିସ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ଼ା ଅରୁଣ କୁମାର ସାହୁ ଜାଲିଆତି କରି ସରକାରୀ ଟଙ୍କା ଆତ୍ମସାତ କରିଥିବା ମାମଲା ବିଚାରଣା କରି ଉକ୍ତ ମାମଲାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୧୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୫ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁରର ଭୁବନମୋହନ ଦାସ(୭୨)। ସେ ଜଗନ୍ନାଥପୁର ସ୍ଥିତ ମାର୍କଫେଡ କାର୍ଯ୍ୟାଳୟର ପୂର୍ବତନ ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ ଯେ, ୨୦ବର୍ଷ ପୂର୍ବେ ୨୦୦୩ରେ ଭୁବନମୋହନ ଦାସ ଗଞ୍ଜାମ ଜିଲ୍ଲା ଜଗନ୍ନାଥପୁର ସ୍ଥିତ ମାର୍କଫେଡ କାର୍ଯ୍ୟାଳୟର ପୂର୍ବତନ ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ମାର୍କଫେଡ ଅଧିନରେ ଥିବା ଏକ ଚାଷ ଜମିକୁ ଅଣଚାଷ ଜମିରେ ପରିବର୍ତ୍ତନ କରିବାକୁ ସେ ଛତ୍ରପୁର ସ୍ଥିତ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କିଷମ ପରିବର୍ତ୍ତନ ପାଇଁ ଜମି ଟକସ ବାବଦକୁ ମାର୍କଫେଡ ପକ୍ଷରୁ ଯଥାକ୍ରମରେ ୨୮୨୩୦ଟଙ୍କା ଏବଂ ୯୬୦୫ଟଙ୍କା ତହସିଲ କାର୍ଯ୍ୟାଳୟରେ ଜମା କରିବାର ଥିଲା। ଏହି ଟଙ୍କା ଜମା କରିବାକୁ ଏରିଆ ମ୍ୟାନେଜର ଭୁବନମୋହନ ନିଜ କାର୍ଯ୍ୟାଳୟର ୨୧୦ ୨୩ ନଂ ଭାଉଚର ବ୍ୟବହାର କରିଥିଲେ। ହେଲେ ସେ ଯେଉଁ ଭାଉଚର ବ୍ୟବହାର କରି ୯୬୦୫ ଟଙ୍କା ଜମା କରିଥିଲେ ପରବର୍ତ୍ତୀ ସମୟରେ ସେଥିରେ ଜାଲିଆତି କରି ୧ଲକ୍ଷ ୪୧ହଜାର ୧୫୦ଟଙ୍କା ଜମା କରାଯାଇଛି ବୋଲି ସରକାରଙ୍କୁ ଦର୍ଶାଇଥିଲେ। ଏପରିକି ନିଜ କାର୍ଯ୍ୟାଳୟର କ୍ୟାସ ବୁକରେ ଭୁଲ ତଥ୍ୟ ଦେବା ସହ ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିବା ମନି ରିସିପ୍ଟକୁ ମଧ ଜାଲିଆତି କରିଥିଲେ। ଏହା ଦ୍ୱାରା ସେ ମୋଟ ୧ଲକ୍ଷ ୩୧ହଜାର ୫୪୫ ଟଙ୍କା ଆତ୍ମସାତ କରି ନେଇଥିଲେ। ଏନେଇ ଅଭିଯୋଗ ପରେ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ସେହି ଅଭିଯୋଗର ତଦନ୍ତ କରାଯିବା ସହ ୨୦୦୫ ମେ ୩ତାରିଖରେ ଏରିଆ ମ୍ୟାନେଜର ଭୁବନମୋହନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ଦିନ ତାଙ୍କୁ କୋର୍ଟରୁ ଜାମିନ ମଧ ମିଳିଯାଇଥିଲା। ମାମଲାର ବିଚାରଣା ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲୁ ରହିଥିବା ବେଳେ ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ତଥା ତଦନ୍ତ ଅଧିକାରୀ ପ୍ରଫୁଲ କୁମାର ପଟେଲ ଚାର୍ଜସିଟ ଦାଖଲ କରିଥିଲେ।

## ୨୦ ବର୍ଷ ପରେ ଚୂଡାନ୍ତ ରାୟ

ବିଚାରଣା ବେଳେ ମୋଟ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଚ୍ୟାଉ ବାବୁଙ୍କୁ ମିଳୁଛି ଅଜସ୍ର ଆଶୀର୍ବାଦ





## ୩ଟି ୱାର୍ଡ ବୁଲି ଭୋଟ ଭିକ୍ଷା କଲେ

ବ୍ରହ୍ମପୁର, ୪।୫(ସମିସ)

ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଅଜସ୍ର ଆଶୀର୍ବାଦ ମିଳୁଛି। ବିଭିନ୍ନ ୱାର୍ଡ଼ରେ ଲୋକଙ୍କ ସମର୍ଥନ ଓ ପ୍ରଚାର ବେଳେ ସ୍ଥାନୀୟ ବାସିନ୍ଦା ସାମିଲ ହେଉଛନ୍ତି। ଏହିକ୍ରମରେ ବିଜୁ ଜନତା ଦଳ ଶିବିର ବେଶ ଉତ୍ସାହିତ ହୋଇଛି। ପ୍ରତିଟି ସାହିରେ ଦଳ ପ୍ରତି ଯଥେଷ୍ଟ ସମର୍ଥନ ଓ ସହଯୋଗ ବୃଦ୍ଧି ପାଉଛି। ଚ୍ୟାଉ ପଟ୍ଟନାୟକ ହଜାର ହଜାର ସମର୍ଥନଙ୍କୁ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଶନିବାର ୩ଟି ୱାର୍ଡ ତଥା ବ୍ରହ୍ମପୁର ମହାନଗର ନିଗମର ୧୯, ୧୧ ଓ ୧୩ ନମ୍ବର ୱାର୍ଡର ବିଭିନ୍ନ ସାହି ବୁଲି ପ୍ରଚାର କରିଥିଲେ। ବିଜୁ ଜନତା ଦଳର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ମାତ୍ରାରେ ଭୋଟ ଦେଇ ନିର୍ବାଚିତ କରିବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ବିଭିନ୍ନ ଅଞ୍ଚଳ ସମସ୍ୟା ସମ୍ପର୍କରେ ବିଧାୟକ ପ୍ରାର୍ଥୀ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଆଲୋଚନା କରିଥିଲେ। ନିର୍ବାଚିତ ପରେ ସମସ୍ତ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରଚାର ବେଳେ କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମେୟର ସଂଘମିତ୍ରା ଦଳେଇ, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ପୂର୍ବତନ ନଗରପାଳ ଟି. ଭୀମୁଡୁ, ଜୋନାଲ ସଭାନେତ୍ରୀ ମୋମତା ବିଷୋୟୀ, ୧୯ନମ୍ବର ୱାର୍ଡ କର୍ପୋରେଟର କାଦମ୍ବାରି ଦାସ, ୧୧ନମ୍ବର ୱାର୍ଡ କର୍ପୋରେଟ ଚିତ୍ରସେନ ମହାପାତ୍ର, ୧୧ନମ୍ବର ୱାର୍ଡ କର୍ପୋରେଟର ବେବି ନାୟକ, ଦଣ୍ଡ ନାୟକ, ରୋହିତ ଦାସ, ଜ୍ୟୋତି ସୁବୁଦ୍ଧି, ସୁଦର୍ଶନ ଦାସ ଓ ସୁରେଶ ତ୍ରିପାଠୀଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଭିନନ୍ଦନ ପୁସ୍ତିକା ଉନ୍ମୋଚିତ

**ବ୍ରହ୍ମପୁର, ୪।୫(ସମିସ):** ସ୍ଥାନୀୟ ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ସୁଶାନ୍ତ କୁମାର ମିଶ୍ରଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ପୁସ୍ତିକା ଉନ୍ମୋଚନ ହୋଇଯାଇଛି। ଦୀର୍ଘ ୩୫ବର୍ଷର କର୍ତ୍ତବ୍ୟନିଷ୍ଠ ସେବା, ମହାବିଦ୍ୟାଳୟର ଉନ୍ନତିର କର୍ଣ୍ଣଧାର ଅଧ୍ୟକ୍ଷ ଡ଼ ମିଶ୍ରଙ୍କ ପ୍ରତି ଶ୍ରଦ୍ଧା ଏବଂ ସମ୍ମାନର ପ୍ରତିଫଳନ ହୋଇଥିଲା। ଏ ସଭାରେ ମହାବିଦ୍ୟାଳୟର ସମସ୍ତ ଗୁଣମୁଗ୍ଧ ସଦସ୍ୟ ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ପ୍ରଦର୍ଶନ କରିବା ସହିତ ତାଙ୍କର କୀର୍ତ୍ତିରାଜିକୁ ପ୍ରଶଂସା କରିବା ପାଇଁ କୌଣସି ଅବସର ଛାଡି ନାହାନ୍ତି। ଉକ୍ତ ସଭାରେ ବ୍ରହ୍ମପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ ବିଷ୍ଣୁ ଚରଣ ଚୈଧୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ତଥା ବର୍ତ୍ତମାନର ପରିଚାଳନା କମିଟି ସଦସ୍ୟ ଡ଼ ଧନଲକ୍ଷ୍ମୀ ପଟ୍ଟନାୟକ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଭୂପତି ସାହୁ ସଭାପତି ଆସନ ଅଳଙ୍କୃତ କରିଥିଲେ। ମହାବିଦ୍ୟାଳୟର ସମସ୍ତ ସଦସ୍ୟଙ୍କ ପୂର୍ଣ୍ଣ ସହଯୋଗରେ ସଭାକାର୍ଯ୍ୟ ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା। ସଭା ସଂଯୋଜନା କରିଥିଲେ ପ୍ରଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଶତପଥୀ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ସତ୍ୟ ନାରାୟଣ ଚୈଧୁରୀ।



# ରକ୍ତଦାନ ସଚେତନତା କର୍ମଶାଳା

**ଛତ୍ରପୁର,୪।୫(ସମିସ):** ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତଥା ରେଡ ରିବନ କ୍ଲବ ତରଫରୁ ରକ୍ତଦାନ ସଚେତନତା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ପୂର୍ବତନ ଯୁବ ରେଡକ୍ରସ ସଂଯୋଜକ ବି ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆମ ରାଜ୍ୟ ଓସାକ୍ସର ପୃଷ୍ଠପୋଷକରେ ଏପରି କାର୍ଯ୍ୟକ୍ରମ ଏଡସ ଓ ରକ୍ତଦାନ ସଚେତନତା ସାରା ରାଜ୍ୟରେ ହୋଇଆସୁଛି। ଏହି ଅବସରରେ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଯୁବ ରେଡକ୍ରସ ତରଫରୁ ଅଧ୍ୟାପକ ମନୋରଞ୍ଜନ ମହାରଣା, ଡ. ମିଲିମିତା ପାଢ଼ୀ ଓ ଡ. ମାନସ କୁମାର ତ୍ରିପାଠୀ ତଥା ପ୍ରଶାସନିକ ଅଧିକାରୀ ଡ. ପିଙ୍କିରାଣୀ ଦେଇ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଧରାକୋଟ,୪।୫(ସମିସ):** ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତ ଅନ୍ତର୍ଗତ ନନ୍ଦିଘୋର ଗ୍ରାମର ରାମଚନ୍ଦ୍ର ସେଠୀ (୭୨)ଙ୍କ ଅଂଶୁଘାତ କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସବୁଦିନ ଭଳି ରାମଚନ୍ଦ୍ର ଶନିବାର ମଧ୍ୟାହ୍ନରେ ଖାଇବା ପରେ ଘର ପଛ ପଟେ ଥିବା ଋଷିକୁଲ୍ୟା ନଦୀକୁ ଶୌଚ ପାଇଁ ଯାଇ ଫେରି ନଥିଲେ। ନଦୀ ଅତିକ୍ରମ କରି ଗାଁକୁ ଆସୁଥିବା କିଛି ଲୋକ ରାମଚନ୍ଦ୍ର ନଦୀରେ ପଡ଼ିଥିବା କଥା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଆସିକା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ ଧରାକୋଟ ଅଞ୍ଚଳରେ ଖରାର ପ୍ରକୋପ ବୃଦ୍ଧି ପାଇ ଚାଲିଥିବା ବେଳେ ପ୍ରଶାସନ ତରଫରୁ ଅଂଶୁଘାତ ଜନିତ ସତର୍କ ସୂଚନା ପ୍ରଦାନ ପାଇଁ ସଚେତନତାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହେଉଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ

**ଚକାପାଦ,୪।୫(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଚାହାଳି ପଞ୍ଚାୟତ ନିଧିଆବେରେଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଣ୍ଡପାଣି ଗୌଡ଼ଙ୍କୁ ଅବସର ଗ୍ରହଣ କରିବା ପୂର୍ବରୁ ପୂର୍ଣ୍ଣାଙ୍ଗ ପେନସନ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି । ସରକାରଙ୍କ ନୀତି ନିୟମ ପ୍ରକାରେ ପ୍ରକାରେ ଅବସର ଗ୍ରହଣ କରିବା ପୂର୍ବରୁ ପୂର୍ଣ୍ଣାଙ୍ଗ ପେନସନ ଦିଆଯିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ଏହାକୁ ଆଖି ଆଗରେ ରଖି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାଗେଶ୍ୱର ପ୍ରଧାନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ନିମନ୍ତେ ଚିଠି କରିଛନ୍ତି। ଏଥିରେ ବନ୍ଦନା ସରକାର, ଏବିଇଓ ବୁଲୁଦେଶୀ ନାୟକ, ଗୁରୁଜୀ ଲାଲ ପ୍ରଧାନ, ବରିଷ୍ଠ କିରାଣୀ ବିଘ୍ନେଶ୍ୱର ମହାନ୍ତି, ହରିହର ମିଶ୍ର, ସିଆରସିସି ଅଶୋକ କୁମାର ମଲ୍ଲିକ ଓ ସମସ୍ତ କିରାଣୀ ଉପସ୍ଥିତ ରହି ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କୁ ସାଧୁବାଦ ଜଣାଇଥିଲେ ।

# ଗଞ୍ଜେଇ ସହ ସ୍କୁଟି ଜବତ; ଜଣେ ଗିରଫ



**ସାନଖେମୁଣ୍ଡି,୪।୫(ସମିସ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପୁଲିସ ଶନିବାର ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ପୋଡ଼ାମାରି ଚେକ ପୋଷ୍ଟ ଗ୍ରାମ ନିକଟରେ ଚଢ଼ଉ କରି ଏକ ମୋଟର ସାଇକେଲ ସହ ୨୧ କେଜି ୯ ଶହ ଗ୍ରାମ ଗଞ୍ଜେଇ ଓ ସ୍କୁଟି ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ହେଲେ ଗଜପତି ଜିଲ୍ଲା ମୋହନା ଥାନା ମୋହନା ଗ୍ରାମର ନବୀନ କୁମାର ନାୟକ (୨୮) । ସୂଚନା ଅନୁଯାୟୀ, ଶନିବାର ପାଟପୁର ପୁଲିସ ପୋଡ଼ାମାରି ଚେକ ପୋଷ୍ଟ ନିକଟରେ ଗାଡ଼ି ଯାଞ୍ଚ କରୁଥିବାବେଳେ ସ୍କୁଟି (ଓଡି୨୦ସି୬୨୨୫)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୁଲସ ସ୍କୁଟି ଓ ଗଞ୍ଜେଇ ଜବତ କରିବା ସହ ୨୯୪/୨୪ରେ ଏକ ମାମଲା ରୁଜୁ କରିଛନ୍ତି। ସେହିପରି ଅଭିଯୁକ୍ତ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଆଇଆଇସି ଅଜୟ କୁମାର ସ୍ୱାଇଁ କହିଛନ୍ତି।

# ସମ୍ମାନିତ ହେଲେ ପାଇପ୍ ମିସ୍ତ୍ରି ବାବୁଲା



**ଛତ୍ରପୁର,୪।୫(ସମିସ):** ଖରା, ବର୍ଷା ଶୀତକୁ ଖାତିର ନ କରି ଶ୍ରମିକଟିଏ ଦିନସାରା କାର୍ଯ୍ୟ କରିଥାଏ। ତା ପ୍ରତି ବଦଳରେ ସେମାନଙ୍କୁ କିଛି ଦିନ ମଜୁରି ମିଳିଥାଏ। ହେଲେ, ସେମାନଙ୍କୁ ସମ୍ମାନ ଦେବା ପାଇଁ ବର୍ଷକୁ ଥରେ ସେମାନଙ୍କ ପାଇଁ ମଇ ୧ ତାରିଖକୁ ଶ୍ରମ ଦିବସ ଭାବେ ସାରା ବିଶ୍ୱ ପାଳନ କରିଥାଏ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ ନାଉଳି ଗ୍ରାମର ବାବୁଲା ନାହାକଙ୍କୁ ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲୋ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ସମ୍ମାନିତ କରାଯାଇଛି। ବାବୁଲା ନାହାକ ଜଣେ ଉତ୍ତମ ପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟକରି ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଛନ୍ତି। ଗଞ୍ଜାମ ଜିଲ୍ଲା ସମାଜ ବିକାଶ କର୍ମଜୀବୀ ଶ୍ରମିକ ସଂଘ ପକ୍ଷରୁ ତାଙ୍କ ନାମ ରାଜ୍ୟସ୍ତରକୁ ପଠାଯାଇଥିବା ବେଳେ ତାଙ୍କୁ ଏହି ସମ୍ମାନ ମିଳିପାରିଥିବାରୁ ସେ ବହୁତ ଖୁସି ପ୍ରକଟ କରିଛନ୍ତି। ଏହି ସମ୍ମାନ ପାଇବା ପରେ ଗଞ୍ଜାମ ଜିଲ୍ଲା ସମାଜ ବିକାଶ କର୍ମଜିବୀ ଶ୍ରମିକ ସଂଘର ସଭାପତି କାଳୁଚରଣ ନାୟକ ଶୁଭେଚ୍ଛା ଦେବା ସହ ତାଙ୍କ ଉତ୍ତମ ଭବିଷ୍ୟତ କାମନା କରିଛନ୍ତି।

## ନିଆଁ ଆଁରେ କିଆ ଚାଷ ଜମି

# କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଲେ ବିଧାୟକ

**ଛତ୍ରପୁର,୪।୫(ସମିସ)**



ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି ଗ୍ରାମରେ ଥିବା ୫୦ରୁ ୬୦ ଏକର କିଆ ଫୁଲ ଚାଷ ଜମିରେ ନିଆଁ ଲାଗିଯାଇଛି। ଫଳରେ ୨୦ରୁ ଅଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କୋଟି କୋଟି ଟଙ୍କାର କିଆଫୁଲ ନଷ୍ଟ ହୋଇଯାଇଛି। ସେମାନେ

**ଜୀବିକା ହରାଇଲେ ୨୦ ଚାଷୀ**

ଦୈନିକ କିଆଫୁଲ ତୋଳି ଦି ପଇସା ରୋଜଗାର କରି ସେମାନଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ନିଆଁ ଲାଗିବା ପରେ ଆଗାମୀ ୫ ବର୍ଷ କିଆଫୁଲ ହେବ ନାହିଁ। ଫଳରେ ସେମାନେ ଜୀବିକା ହରାଇଛନ୍ତି। ଏଣୁ ଏହାର କ୍ଷତିପୂରଣ ପ୍ରଦାନ କରାଯିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଶନିବାର ଅପରାହ୍ଣରେ କିଆ ଚାଷ ଜମିରେ କୌଣସି କାରଣବଶତଃ ନିଆଁ ଲାଗିଯାଇଥିଲା। ଖବର ପାଇ ୪ଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପଟେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, କାଳିପଲ୍ଲୀ ପଞ୍ଚାୟତର ବି. ଚନ୍ଦ୍ରମଣି ପାତ୍ର, କିଆଫୁଲ ଚାଷୀ ସଂଘର ସଭାପତି ଅମର ବେହେରା, ସମ୍ପାଦକ ବି. ଗୋରିଆ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଏ ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଚାଷୀମାନଙ୍କୁ କିପରି ଉଚିତ କ୍ଷତିପୂରଣ ମିଳିବ ସେଥିପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

# ବିଧାୟକ ପ୍ରାର୍ଥୀଙ୍କ ସ୍ତ୍ରୀଙ୍କ ନିର୍ବାଚନ ପ୍ରଚାର



**ଛତ୍ରପୁର,୪।୫(ସମିସ):** ସ୍ତ୍ରୀକୁ ସ୍ୱାମୀଙ୍କ ଅର୍ଦ୍ଧାଙ୍ଗିନୀ କୁହାଯାଏ। କାରଣ ସ୍ୱାମୀର ସୁଖ ଦୁଃଖ ସହିତ ଯୋଡି ହୋଇ ରହିଥାଏ ସ୍ତ୍ରୀ। ସ୍ୱାମୀର ସବୁ କାର୍ଯ୍ୟରେ ସ୍ତ୍ରୀର ଅର୍ଦ୍ଧେକ ଭୂମିକା ରହିଥାଏ। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ସୁବାସ ବେହେରାଙ୍କ ନିମନ୍ତେ ପ୍ରଚାର ମୈଦାନକୁ ଓହ୍ଲାଇଲେ ବିଧାୟକ ସୁବାସ ବେହେରାଙ୍କ ପତ୍ନୀ ରୀନା କୁମାରୀ ବେହେରା। ଶୁକ୍ରବାର ଛତ୍ରପୁର ପୌର ପରିଷଦର ୧୧ନଂ ୱାର୍ଡର ପ୍ରତ୍ୟେକ ଘରକୁ ଘର ବୁଲି ନିଜ ସ୍ୱାମୀ ସୁବାସଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି ରୀନା। ଏହା ସହିତ ଛତ୍ରପୁର ବିଧାନସଭା ପ୍ରାର୍ଥୀ ସୁବାଷ ବେହେରା ଓ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କୁ ଡବଲ ଶଙ୍ଖ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବା ପାଇଁ ସେ ଲୋକଙ୍କୁ ନିବେଦନ ମଧ୍ୟ କରିଛନ୍ତି। ୧୧ନଂ ୱାର୍ଡ କାଉନସିଲର ସନ୍ତୋଷୀ ସେଠିଙ୍କ ନେତୃତ୍ୱରେ ଗୋପବନ୍ଧୁନଗର ଠାରୁ ବହୁ ମହିଳା, ୱାର୍ଡ ବାସିନ୍ଦା, ଦଳୀୟ ନେତା ଓ କର୍ମୀ ମାନେ ୱାର୍ଡର ବିଭିନ୍ନ ସାହି ବୁଲି ଲୋକଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବା ନିମନ୍ତେ ଅନୁରୋଧ କରିଛନ୍ତି। ଏହି ପ୍ରଚାରରେ ଛତ୍ରପୁର ପୌର ପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ସନ୍ତୋଷୀ ସେଠୀ, ଦେବାଶିଷ ମିଶ୍ର, ବି. ନିଶ୍ଚଳା, ମମତା ପାତ୍ର, ପ୍ରୀତିଛନ୍ଦା ସାମଲ ଓ କେ. ରମେଶ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ସୁରଜ କୁମାର ସେଠୀ, ଦୟାନିଧି ଦାଶ, ଲୋକନାଥ ମହାରଣା, ପୂର୍ବତନ ସରପଞ୍ଚ ସିମାଞ୍ଚଳ ସାହୁ, ତ୍ରିଲୋଚନ ବେହେରାଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

## ଗ୍ରୀଷ୍ମ ପ୍ରବାହରେ ତାତି ବୃଦ୍ଧି

# ବିଦ୍ୟୁତ୍ ଓ ଜଳଯୋଗାଣ ସେବା କେବେ ସୁଧୁରିବ

**ଶେରଗଡ଼,୪।୫(ସମିସ):** ସହର ଗତ କିଛି ଦିନ ହେଲା ଉତ୍ତପ୍ତ ପିଣ୍ଡୁଳା ପାଲଟିଛି। ଏଠାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ସ୍ୱାଭାବିକ ହୋଇପଡ଼ିଛି। ଏପରିକି ୪୨ ଡିଗ୍ରୀରୁ ଉର୍ଦ୍ଧ୍ୱ ସହିଛି। ସକାଳ ୮ ଘ ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ନିହାତି ଆବଶ୍ୟକ ହେଲେ ଲୋକେ ଛତା, ଜୋତା, ଟୋପି, ପାଣି ବୋତଲ ଧରି ଘରୁ ବାହାରୁଛନ୍ତି। ଅଂଶୁଘାତକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲାଯାଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ କୂଅ, ପୋଖରୀ, ବନ୍ଧ, ଗାଡିଆ ସମେତ ବିଭିନ୍ନ ଜଳ ଉତ୍ସ ଗୁଡିକ ଶୁଖିଲା ପଡିଛି। ମଣିଷ ଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ପିଇବା ପାଣି ଲାଗି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ସହରରେ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ସେବା ଦେଖିଲେ ଲାଗୁଛି ଗ୍ରୀଷ୍ମ ଦିନ ଲାଗି ଜନସ୍ୱାସ୍ଥ୍ୟ ବିଭାଗ ଓ ବିଦ୍ୟୁତ ବିଭାଗ ପାଖରେ କୌଣସି ପ୍ରାକ ସୂଚନା ନଥିବା ବା ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଜଳଯୋଗାଣ କଥା ଉଠିଲେ, କୁହାଯାଉଛି ଉତ୍ସର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଜଳଯୋଗାଣରେ ସମସ୍ୟା ହେଉଛି, ଏହା ଠିକ ହେଲେ ସମସ୍ୟା ସୁଧୁରିବ। ଏହି ଅସୁବିଧା ସୁଧୁରିବା ପାଇଁ ପୂର୍ବରୁ ପ୍ରସ୍ତୁତି ହେଲାନି କାହିଁକି ତାହା ସାଧାରଣରେ ପ୍ରଶ୍ନ। ବିଭାଗୀୟ ଅସୁବିଧା ଲାଗି ଏଭଳି ତାତିରେ ସାଧାରଣ ଲୋକେ ପାନୀୟ ଜଳ ଲାଗି ଡହଳବିକଳ ହେଉଛନ୍ତି। ସେହିପରି ଯଦି ବିଦ୍ୟୁତ କଥା କୁହାଯିବ, ତେବେ ଉଦୁଉଦିଆ ଖରାବେଳେ ଓ ରାତ୍ରି ବିଶ୍ରାମ ସମୟରେ ବିଦ୍ୟୁତ ବିଶେଷ ଭାବେ କଟୁଛି। ଏସି, ଫ୍ରିଜ ଆଦି ଚାଲିବା ଯୋଗୁଁ ଏପରି ହେଉଛି ବୋଲି କୁହାଯାଉଛି। ପରିଚାଳନା ଗତ କାରଣ ଯୋଗୁଁ ଡାକବାଜି ଯନ୍ତ୍ରରେ ଘୋଷଣା କରି ପ୍ରତିମାସରେ ଅତି କମରେ ଥରେ ୬ ରୁ ୮ ଘ ବିଦ୍ୟୁତ କାଟ ହୁଏ। ତେବେ ସେ ସମୟରେ କିଭଳି କାର୍ଯ୍ୟ ହୁଏ ଯେ, ପୁଣି ଅଘୋଷିତ ବିଦ୍ୟୁତ କାଟ ହୁଏ, ତାହା ଆଲୋଚନାର ବିଷୟ। ଗ୍ରୀଷ୍ମ ଲାଗି ପ୍ରଶାସନ ପକ୍ଷରୁ ହୋଇଥିବା ପ୍ରସ୍ତୁତି ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ରହିଛି। ଯାହା କେବଳ କାଗଜ କଲମରେ ସିମୀତ ବୋଲି ଏହା ସାଧାରଣ ଲୋକେ ଆଲୋଚନା କରୁଛନ୍ତି।

## ପୋଖରୀରେ ବୁଡ଼ି ବାଳକ ମୃତ

# ମୃତକଙ୍କ ପରିବାରକୁ ଭେଟିଲେ ବିଧାୟିକା ପ୍ରାର୍ଥିନୀ




**ସାନଖେମୁଣ୍ଡି,୪।୫(ସମିସ):** ସାନଖେମୁଣ୍ଡି ବ୍ଲକ ସାହସପୁର ପଞ୍ଚାୟତ ତୁଳସୀପଦର ଗ୍ରାମର ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତୁଳସୀପଦର ଗ୍ରାମର ତୋଫାନ ପାତ୍ରଙ୍କ ପୁଅ ସ୍ୱାଧୀନ ପାତ୍ର(୮)। ସ୍ୱାଧୀନ ଶନିବାର ମଧ୍ୟାହ୍ନରେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେ ଗାଧୋଇକି ଫେରିବାରେ ବିଳମ୍ବ ହେବାରୁ ତାଙ୍କ ବାପା ତୋଫାନ ପୋଖରୀକୁ ଯାଇ ଦେଖିଲା ବେଳକୁ ସ୍ୱାଧୀନଙ୍କ ମୃତଦେହ ପୋଖରୀରେ ଭାସୁଥିଲା। ତୁରନ୍ତ ତାକୁ ଉଦ୍ଧାର କରି ଆଡ଼ପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଖବର ପାଇ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଜାନବିଲିରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଦାବି



**ଧରାକୋଟ,୪।୫(ସମିସ):** ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତରେ ଗଡୁଛି ଲକ୍ଷ୍ମୀ ବସ୍। ପଞ୍ଚାୟତର ଗାଁଠାରୁ ବ୍ଲକ ସଦର ମହକୁମାକୁ ଗମନାଗମନ ପାଇଁ ବେଶ ସହାୟକ ହେଉଛି ଏହି ବସ୍ ସେବା। ଦିନକୁ ଦିନ ଲକ୍ଷ୍ମୀ ବସ୍ ସେବା ପ୍ରତି ଲୋକେ ଆକୃଷ୍ଟ ହେଉଥିବାବେଳେ କିଛି ସ୍ଥାନରେ ବସ୍‌ଷ୍ଟାଣ୍ଡ ନଥିବା ଯୋଗୁଁ ସଂପ୍ରତି ନିଦାଘ ଖରାରେ ଯାତ୍ରୀମାନେ ଖୋଲା ଆକାଶ ତଳେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଏପରି ଏକ ଜନବହୁଳ ସ୍ଥାନ ହେଉଛି ଧରାକୋଟ ପଞ୍ଚାୟତର ଜାତୀୟରାଜପଥ ୫୯ ପାଶ୍ୱର୍ରେ ଥିବା ଜାନବିଲି ମିଲ ଛକ ଓ ଜାନବିଲି ଗାଁ। ଏହି ଛକ ଉପରେ ଘୋଡାପଲି, ପଳପଲି, ଚାରିଛକ, ଡାକିବଜା, ବେଠୁଆର ଓ ଚାଞ୍ଚରାପଲି ଗାଁର ନିର୍ଭର କରିଥାନ୍ତି। ଏଠାରୁ ବ୍ଲକ ସଦର ମହକୁମା ଧରାକୋଟ ସମେତ ଅନ୍ୟାନ୍ୟ ସ୍ଥାନକୁ ଯିବା ପାଇଁ ଯାତ୍ରୀମାନେ ଅପେକ୍ଷା କରୁଛନ୍ତି। ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍ ସେବା ଲୋକଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଥିଲେ ମଧ୍ୟ ଏଠାରେ ବ୍ଲକ ପ୍ରଶାସନ ତରଫରୁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇନାହିଁ। ଏଣୁ ଯାତ୍ରୀମାନେ ବେଶ ହଇରାଣ ହରକତ ହେଉଛନ୍ତି। ଏଣୁ ବ୍ଲକ ପ୍ରଶାସନ ତରଫରୁ ଏଠାରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହେଉଛି।

# ତାକରଡ଼ା ଓ ନରେନ୍ଦ୍ରପୁରରେ ବିଜେଡିର ପ୍ରଚାର



**ଶେରଗଡ଼,୪।୫(ସମିସ):** ହିଞ୍ଜିଳି ନିର୍ବାଚନମଣ୍ଡଳୀ ଶେରଗଡ଼ ବ୍ଲକ ତାକରଡା ଓ ନରେନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କ ଲାଗି ପ୍ରଚାର କରାଯାଇଛି। ପ୍ରଥମେ ଦଳର ବରିଷ୍ଠ ନେତା ତାକରଡା ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ଭୁଷୁଣ୍ଡା, ସାଗରପଲ୍ଲୀ, ଶୋଭାଚନ୍ଦ୍ରପୁର ସହ ଅପରାହ୍ନରେ ନରେନ୍ଦ୍ରପୁର ପଞ୍ଚାୟତରେ ପହଞ୍ଚି ନରେନ୍ଦ୍ରପୁର, ରାମଚନ୍ଦ୍ରପୁର, ନୂଆପଲ୍ଲୀ ଆଦି ବିଭିନ୍ନ ଗ୍ରାମରେ ପ୍ରଚାର କରି ଭୋଟ ଭିକ୍ଷା କରିବା ସହିତ ଦଳର ବରିଷ୍ଠ ନେତାମାନେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ଅନୁରୋଧ କରିଥିଲେ। ଏହି ନିର୍ବାଚନ ପ୍ରଚାର ସମୟରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ, ପୂର୍ବତନ ବ୍ଲକ ବିଜେଡି ସଭାପତି ଦିଗାମ୍ବର ନାହାକ, ବରିଷ୍ଠ ନେତା ହୀନ ବେହେରା, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ନରେନ୍ଦ୍ରପୁର ସରପଞ୍ଚ ଗୁରୁନାଥ ପୋଲେଇ, ପ୍ରଫୁଲ୍ଲ ନାୟକ, ପୂର୍ବତନ ସରପଞ୍ଚ ମେଘନାଦ ଦାସଙ୍କ ସହିତ ବହୁ ବରିଷ୍ଠ ନେତା, ଦଳୀୟ ପଦାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ଶେଷ ଦିନରେ ୧୫ ପ୍ରାର୍ଥୀଙ୍କ ନାମାଙ୍କନ

**ଛତ୍ରପୁର,୪।୫(ସମିସ)**

ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନ ଅର୍ଥାତ ଶୁକ୍ରବାର ଛତ୍ରପୁର ଆସି ୧୫ ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସିକା ଲୋକସଭା ଆସନ ପାଇଁ ଜଣେ, ହିଞ୍ଜିଳିକାଟୁ ଓ କବିସୂର୍ଯ୍ୟନଗର ବିଧାନସଭା ଆସନ ପାଇଁ ୪ ଜଣ ଲେଖାଁଏ, ପୋଲସରା ବିଧାନସଭା ଆସନ ନିମନ୍ତେ ୩ଜଣ, ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ୨ ଜଣ ଏବଂ ସାନଖେମୁଣ୍ଡି ଧାନସଭା ଆସନ ପାଇଁ ଜଣେ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସିକା ଲୋକସଭା ଆସନ ନିମନ୍ତେ କଳିଙ୍ଗ ସେନା ପକ୍ଷରୁ ଗୌରି ଶଙ୍କର ଗୌଡ଼ ରିଟର୍ଣ୍ଣିଂ ଅଫିସର ତଥା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୋଲସରା ବିଧାନସଭା ଆସନ ନିମନ୍ତେ ବିଜେପି ଦଳ ପକ୍ଷରୁ ଗୋକୁଳାନନ୍ଦ ମଲ୍ଲିକ, ମାନସ ଲୋକଶକ୍ତି ଦଳ ପକ୍ଷରୁ ବଚନ ନାହାକ ଓ ଓଡିଶା ଜନତା ପାର୍ଟି ପକ୍ଷରୁ ଉତ୍ତମ କୁମାର ଭୁୟାଁ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କବିସୂର୍ଯ୍ୟନଗର ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ଲତିକା ପ୍ରଧାନ, ସ୍ୱାଧିନ ପ୍ରାର୍ଥୀ ଭାବେ ଗୋପାଳ ଦାସ, ଚିରଞ୍ଜିବୀ ବିଶୋଇ ଓ ଅରୁଣ ବିଶୋଇ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ପ୍ରମୋଦ କୁମାର ପୃଷ୍ଟିଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସାନଖେମୁଣ୍ଡି ବିଧାନସଭା ଆସନ ନିମନ୍ତେ ନବ ନିର୍ମାଣ କୃଷକ ସେବା ପକ୍ଷରୁ ସୁରେନ୍ଦ୍ର ନାୟକ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଦେବବ୍ରତ ସାହୁଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହିଞ୍ଜିଳି ବିଧାନସଭା ନିମନ୍ତେ ଆମ ଆଦମୀ ପାର୍ଟି ଦଳ ପକ୍ଷରୁ ଭଞ୍ଜରାମ ସାବତ, ସ୍ୱାଧୀନ ପ୍ରାର୍ଥୀ ଭାବେ ଏସ୍.ଲକ୍ଷ୍ମୀ ଆଚାରୀ, ରାମନାରାୟଣ ବିଶେଶ ରାୟ ଓ ସବିତା କୁମାରୀ ସାହୁ ଛତ୍ରପୁରର ଅତିରିକ୍ତ ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ପାର୍ଥ ସାରଥି ହାଂସଦାଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଖଲ୍ଲିକୋଟ ବିଧାନସଭା ଆସନ ନିମନ୍ତେ ବିଜେଡି ପକ୍ଷରୁ ସୂର୍ଯ୍ୟମଣୀ ବୈଦ୍ୟ ଓ ମାନସ ଲୋକଶକ୍ତି ଦଳ ପକ୍ଷରୁ ମୋହନ ଦାସ ରିଟର୍ଣ୍ଣିଂ ଅଫିସର ତଥା ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତଙ୍କ ନିକଟରେ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ସିଟି କଲେଜରେ ଭୋଟର ସଚେତନତା କର୍ମଶାଳା

**ବ୍ରହ୍ମପୁର,୪।୫(ସମିସ):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବୁରୋ, କ୍ଷେତ୍ର କାର୍ଯ୍ୟାଳୟ ବ୍ରହ୍ମପୁର ତଥା ଏନଏସଏସ ବୁରୋ ବ୍ରହ୍ମପୁରର ମିଳିତ ସହଯୋଗିତାରେ ସ୍ଥାନୀୟ ସିଟି କଲେଜଠାରେ ଦିନିକିଆ ଭୋଟର ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୋର ପ୍ରଥମ ଭୋଟ ଦେଶ ପାଇଁ ଶୀର୍ଷକ ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷା ଡ. ଅନିତା କୁମାରୀ ପଣ୍ଡା ଅଧ୍ୟକ୍ଷ୍ୟତା କରିଥିଲେ। ପ୍ରାରମ୍ଭରେ ଏକ ମତ ଦାତା ଶପଥ ପାଠ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରଶାସନ ତରଫରୁ ସେକ୍ଟର ଅଧିକାରୀ ରାମନାରାୟଣ ମିଶ୍ର ତଥା ବୁଥସ୍ତରୀୟ ଅଧିକାରୀ ଗୋପାଳକୃଷ୍ଣ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଇଭିଏମ ଏବଂ ଭିଭିପାଟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ନୂତନ ଭୋଟର ମାନଙ୍କୁ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ଏବଂ ଏହାର ବିଭିନ୍ନ ଦିଗକୁ ନେଇ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ଅଧ୍ୟାପିକା ଗୀତାଞ୍ଜଳି ମିଶ୍ର, ଡ. ସସ୍ମିତା କୁମାରୀ ପଟ୍ଟନାୟକ ପ୍ରମୁଖ ଅତିଥ୍ୟ ବକ୍ତା ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଭୋଟ ଦାନ ଅଧିକାର ଉପରେ ନିଜ ନିଜର ମତ ରଖଥିଲେ। କାର୍ଯ୍ୟକ୍ରମ ଅବସରରେ ଏକ ଭୋଟ ଦାନ ଅଧିକାର ସଚେତନତା ସମ୍ପର୍କିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଲେଜର ବହୁ ସଂଖକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ବ୍ରହ୍ମପୁର ସ୍ଥିତ କେନ୍ଦ୍ରୀୟ ସଂଚାର କାର୍ଯ୍ୟାଳୟର ସହକାରୀ ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରମୋଦ କୁମାର ସାବତ ସହଯୋଗ କରିଥିଲେ।



# ପାରଳାଖେମୁଣ୍ଡିରେ ମୁଖ୍ୟମନ୍ତ୍ରୀଙ୍କ ହାଇଭୋଲ୍‌ଟେଜ୍ ପ୍ରଚାର











## ବାଲିଗୁଡାରେ ୫, ଜି.ଉଦୟଗିରି ପାଇଁ ୯ ବିଧାୟକ ପ୍ରାର୍ଥୀ

**ବାଲିଗୁଡ଼ା,୪।୫(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ନାମାଙ୍କନ ପତ୍ର ଦାଖଲ କରିବା ସମୟ ଶେଷ ହୋଇଛି। ଶେଷ ଦିନ ସୁଦ୍ଧା ବାଲିଗୁଡ଼ା ବିଧାନସଭା ମଣ୍ଡଳୀ ପାଇଁ ପାଞ୍ଚ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଜି.ଉଦୟଗିରି ପାଇଁ ୯ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ବାଲିଗୁଡ଼ା ବିଧାନସଭା ପ୍ରାର୍ଥୀ ଭାବରେ ବିଜେଡି ପକ୍ଷରୁ ଚକ୍ରମଣୀ କହଁର, କଂଗ୍ରେସର ଉପେନ୍ଦ୍ର ପ୍ରଧାନ , ବିଜେପି ପକ୍ଷର କଳ୍ପନା କହଁର ହୋଇଥିବା ବେଳେ ଦୁଇ ଜଣ ପ୍ରାର୍ଥୀ ଜୟସିଂ ମଲିକ (ନେସନାଲ ଅପନୀ ପାର୍ଟି) ଓ ଅଜୟ କୁମାର ମଲ୍ଲିକ (ମାନସ ଲୋକ ସକ୍ତି ଦଳ) ସ୍ୱାଧୀନ ପ୍ରାର୍ଥୀ ଭାବରେ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ପାଖରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ବାଲିଗୁଡା ସମନ୍ୱିତ ଆଦିବାସୀ ଉନୀୟନ ସଂସ୍ଥାରେ ଶେଷ ଦିନ ସୁଦ୍ଧା ନଅ ଜଣ ପ୍ରାର୍ଥୀ ଜି.ଉଦୟଗିରି ବିଧାନସଭା ମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ବିଜେଡି ପକ୍ଷରୁ ସାଲୁଗା ପ୍ରଧାନ, କଂଗ୍ରେସ ପକ୍ଷରୁ ପ୍ରଫୁଲ କୁମାର ପ୍ରଧାନ, ବିଜେପି ପକ୍ଷରୁ ମାନଗୋବିନ୍ଦ ପ୍ରଧାନ, ଆମ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ଯୌବନ କୁମାର ମଲିକ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସିରେଲ ପ୍ରଧାନ (ମାନସ ଲୋକ ସକ୍ତି ଦଳ) ଓ ସଞ୍ଜୟ କୁମାର ପ୍ରଧାନ ( କଳିଙ୍ଗ ସେନା ଦଳ), ପ୍ରଦୀପ ପ୍ରଧାନ, ପ୍ରଦୀପ କୁମାର କହଁର , ଶରତ ଚନ୍ଦ୍ର ପ୍ରଧାନ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ପ୍ରଣବ ପ୍ରକାଶ ଦାସଙ୍କ କନ୍ଧମାଳ ଗସ୍ତ



**ବାଲିଗୁଡା,୪।୫(ସମିସ):** ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କନ୍ଧମାଳ ଗସ୍ତରେ ଆସିଥିଲେ। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ମହାସିଙ୍ଗି ସ୍ଥିତ ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ଦଳୀୟ ନେତୃବୃନ୍ଦଙ୍କୁ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ସେଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ସଂଯୋଜକ ଟୁନା ଦାସଙ୍କ ନେତୃତ୍ୱରେ ହୋଇଥିବା ମିଶ୍ରଣ ପର୍ବରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଂଖ୍ୟାଲଘୁ ସଭାପତି ପିତାମ୍ବର ଦିଗାଲଙ୍କ ସମେତ ବହୁ ବିଜେପି ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ୍ ହୋଇଥିବା ବେଳେ କଂଗ୍ରେସର ମଧ୍ୟ ବହୁ ସଙ୍ଗଠକ ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସମସ୍ତେ ବିଜେଡିରେ ସାମିଲ୍ ହୋଇଥିଲେ। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ଶ୍ରୀ ଦାସ । ଏହି ଅବସରରେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ସଂଯୋଜକ ଟୁନା ଦାସ, ବାଲିଗୁଡ଼ା ବିଧାନସଭା ମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବିଧାୟକ ପ୍ରାର୍ଥୀ ଚକ୍ରମଣୀ କହଁରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ କଂଗ୍ରେସ ନେତା ବିନାୟକ

**ରାୟଗଡ଼,୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ଦଳ ଡିଆଁ ଜାରି ରହିଥିବା ବେଳେ ବିଜେଡିର ଏକ ବିଶାଳ ବାଇକ ରାଲି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ବିନାୟକ ଭୂୟାଁ ବିଜେଡିରେ ସାମିଲ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ବିନାୟକ ତାଙ୍କ ରାଜନୀତି ଆରମ୍ଭ କାଳରୁ ବର୍ତ୍ତମାନର ମୋହନା ବିଜେଡି ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗର ଘୋର ବିରୋଧି ଭାବେ ଜିଲ୍ଲାରେ ପରିଚିତ ଥିବାବେଳେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆଦର୍ଶ ଓ ଶ୍ରୀ ଗମାଙ୍ଗଙ୍କ ନିଜ ବ୍ଲକର ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି । ଗୁରୁବାର ମୋହନା ବିଧାନସଭା ନିର୍ବାଚନ ମଣ୍ଡଳୀର ମହେନ୍ଦ୍ରଗଡ଼ ଠାରୁ ଏକ ବିଶାଳ ବାଇକ ରାଲି ଆୟୋଜିତ ହୋଇଥିବା ବେଳେ ଏଥିରେ ବ୍ରହ୍ମପୁର ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ପର୍ଯ୍ୟବେକ୍ଷକ ପୃଥୀବିରାଜ ସାହୁ, ବିଜେଡି ଜିଲ୍ଲା ସଭାପତି ଜଗବନ୍ଧୁ ଦାସ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ ଓ ବରିଷ୍ଠ ବିଜେଡି ନେତା ଅବନୀ ପଟନାୟକ ପ୍ରମୁଖ ଅଂଶଗ୍ରହଣ କରି ମାର୍ଲବା ବଜାରରେ ଦଳୀୟ ନେତୃବୃନ୍ଦ ବିନାୟକଙ୍କୁ ପାଛୋଟି ନେଇଥିଲେ। ତାଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରିବା ପରେ ଶ୍ରୀ ଭୂୟାଁଙ୍କ ନିଜ ପଂଚାୟତ ଜଲାଙ୍ଗରେ ବିଜେଡି ଏକତରଫା ଭୋଟ ପାଇବ ବୋଲି ଅଂଚଳରେ ଆଲୋଚନା ହେଉଛି ।

## ଉପାନ୍ତ ଅଞ୍ଚଳରେ ଭୋଟ ମାଗିଲେ ବିଜେଡି ବିଧାୟକ ପ୍ରାର୍ଥୀ

**ରାୟଗଡ଼,୪।୫(ସମିସ):** ନିର୍ବାଚନ ଯେତିକି ପାଖେଇ ଆସୁଛି ଗଜପତି ଜିଲ୍ଲା ମୋହନା ନିର୍ବାଚନମଣ୍ଡଳୀରେ ସେତିକି ପ୍ରଚାର ଦିନକୁ ଦିନ ବଢିବାରେ ଲାଗିଛି। ନେତା ଗାଁ ମୁହାଁ ହୋଇ ଭୋଟରଙ୍କୁ ମନେଇବାରେ ଲାଗିପଡ଼ିଛନ୍ତି। ଶୁକ୍ରବାର ମୋହନା ନିର୍ବାଚନମଣ୍ଡଳୀର ରାୟଗଡ଼ ବ୍ଲକର ଉପାନ୍ତ ଅଞ୍ଚଳରେ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ । ସେ ସୀମାନ୍ତ ଗଙ୍ଗାବାଡ଼, କେରାଣ୍ଡି, କଇଁପୁର, ଲକ୍ଷ୍ମୀପୁର ଓ ଏଙ୍ଗାରସିଂ ପଞ୍ଚାୟତରେ ବିଭିନ୍ନ ସ୍ଥାନ ବୁଲିବା ସାଙ୍ଗକୁ ଅଞ୍ଚଳବାସୀଙ୍କୁ ସିଧାସଳଖ ସାକ୍ଷାତ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର ବେଳେ ବହୁ ଭୋଟର ସାମିଲ ହୋଇ ସ୍ୱାଗତ କରିଥିଲେ । ଯାହାକି ଶୁଭ ସଂକେତ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ପ୍ରଚାର ବେଳେ ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀଙ୍କ ସହ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ବ୍ଲକ ସଭାପତି ସୀମା ମହାନ୍ତି , ବରିଷ୍ଠ ବିଜେଡି ନେତା ଅବନୀ ପଟନାୟକ, ଟି. ବିଶ୍ୱନାଥ, ବିନାୟକ ଭୂୟାଁ ସମେତ ପଞ୍ଚାୟତ ପ୍ରତିନିଧି ବହୁ କର୍ମୀ ସାମିଲ ଥିଲେ।

## ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଫିରିଙ୍ଗିଆ,୪।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦ୍ୱାରିକାନାଥ ପ୍ରଧାନଙ୍କୁ ପ୍ରଶାସନ ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଏପିଓ ସୁମନ୍ତ କୁମାର ଉଠାଣସିଂ, ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ସଂଗ୍ରାମ କେଶରୀ ସାହୁଙ୍କ ଅନ୍ୟ କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ଥିଲେ । ଚାକିରିରୁ ଅବସର ଗ୍ରହଣ କରିଥିବା ଶ୍ରୀ ପ୍ରଧାନ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟ କରିସାରିବା ପରେ ଚାକିରିରୁ ଅବସର ନେଇଥିଲେ। ହେଲେ ଛଅ ମାସ ହେଲା ବ୍ଲକରେ କାର୍ଯ୍ୟରତ ଥିଲେ ।

